**ମଧୁକର୍ ସିହ୍ନା**

**ବନାମ**

**ଭାରତ ସଂଘ ଏବଂ ଅନ୍ୟମାନେ**

**ସେପ୍ଟେମ୍ବର 13, 1991**

**[ଏସ୍. ରତ୍ନାଭେଲ୍ ପାଣ୍ଡିଆନ୍, ଏମ୍. ଫାତିମା ବିବି ଏବଂ କେ. ଜୟଚନ୍ଦ୍ର ରେଡ୍ଡୀ, ନ୍ୟାୟମୂର୍ତ୍ତିବୃନ୍ଦ]**

*ସେବା ଆଇନ: ପ୍ରଶାସନିକ ସେବା ପରୀକ୍ଷା, 1990 - ସଫଳ ପ୍ରାର୍ଥୀମାନଙ୍କ ବରିଷ୍ଠତା - ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ।*

**ଅପିଲକାରୀ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ପାଟନା ନ୍ୟାୟପୀଠରେ ଏକ ଆବେଦନ ଦାୟର କରିଥିଲେ, ଯେଉଁଥିରେ ପ୍ରଶାସନିକ ସେବା ପରୀକ୍ଷା ନିୟମାବଳୀର ନିୟମ 4 ର ଦ୍ୱିତୀୟ ପ୍ରାବଧାନ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 16 ର ଉଲ୍ଲଂଘନ କରୁଥିବା ଘୋଷଣା ପାଇଁ ପ୍ରାର୍ଥନା କରାଯାଇଥିଲା । ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ବଳରେ ନ୍ୟାୟାଧିକରଣ, ମୂଳ ଆବେଦନର ଚୂଡ଼ାନ୍ତ ଆଦେଶର ଫଳାଫଳ ଅଧୀନରେ, ଅପିଲକାରୀଙ୍କୁ ପ୍ରଶାସନିକ ସେବା (ମୁଖ୍ୟ) ପରୀକ୍ଷା, 1990 ରେ ହାଜର ହେବା ପାଇଁ ଅନୁମତି ଦେଇଥିଲେ । ଉକ୍ତ ଆବେଦନଟି ଏହି ମାନ୍ୟବର ନ୍ୟାୟାଳୟକୁ ସ୍ଥାନାନ୍ତରିତ ହୋଇଥିଲା ।**

**ସମାନ ପ୍ରକାରର ଅନେକ ମାମଲାରେ, ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ପ୍ରଶାସନିକ ସେବା ପରୀକ୍ଷା ନିୟମାବଳୀର ନିୟମ 4 ର ବୈଧତାକୁ ବଜାୟ ରଖିଥିଲେ । ଏହି ନ୍ୟାୟାଳୟରେ କରାଯାଇଥିବା ଅପିଲ (ଦେୱାନୀ ଅପିଲ ସଂଖ୍ୟା 5439-52/90)** ରେ 7.12.1990 ର ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା, ସେଥିରେ ଥିବା ଅପିଲକାରୀମାନଙ୍କୁ ପ୍ରଶାସନିକ ସେବା (ମୁଖ୍ୟ) ପରୀକ୍ଷା, 1990 ରେ ହାଜର ହେବା ପାଇଁ ଅନୁମତି ଦିଆଯାଇଥିଲା; ଏବଂ ଅପିଲଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି ସମୟରେ, ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ରାୟକୁ ସ୍ପଷ୍ଟ ଭାବେ ସମର୍ଥନ କରାଯାଇଥିଲା ।**

**ଦେୱାନୀ ଅପିଲ ସଂଖ୍ୟା 5439-52/90** ରେ ପ୍ରଦାନ କରାଯାଇଥିବା ରାୟକୁ ଦୃଷ୍ଟିରେ ରଖି ଅପିଲକାରୀଙ୍କ ମାମଲାକୁ ଖାରଜ କରି ଏହି ନ୍ୟାୟାଳୟ ରାୟ ଦେଇଥିଲେ:**

ଅପିଲକାରୀ ମଧ୍ୟ ଦେୱାନୀ ଅପିଲ ସଂଖ୍ୟା **5439-52/90** ର ଅପିଲକାରୀମାନଙ୍କୁ ପ୍ରଦାନ କରାଯାଇଥିବା ସମାନ ସୁବିଧା ପାଇବାକୁ ହକଦାର, ଯଥା:

**(i)** ସେହି ସମସ୍ତ ପ୍ରାର୍ଥୀ ଯେଉଁମାନେ ଏହି ନ୍ୟାୟାଳୟଙ୍କ **7.12.90** ର ଆଦେଶ ଅନୁଯାୟୀ ପ୍ରଶାସନିକ ସେବା (ମୁଖ୍ୟ) ପରୀକ୍ଷା, **1990** ରେ ହାଜର ହୋଇଥିଲେ ଏବଂ ସାକ୍ଷାତକାର ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ, ସେମାନଙ୍କୁ ସାକ୍ଷାତକାର ପରୀକ୍ଷାରେ ହାଜର ହେବା ପାଇଁ ଅନୁମତି ଦିଆଯିବ ଏବଂ ଯଦି ସେହି ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ତଥା ସାକ୍ଷାତକାରରେ ଉତ୍ତୀର୍ଣ୍ଣ ହୋଇ ସମ୍ପୂର୍ଣ୍ଣ ଓ ସନ୍ତୋଷଜନକ ଭାବେ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ନିୟମ **4** ର ଦ୍ୱିତୀୟ ପ୍ରାବଧାନ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଏବଂ ଉକ୍ତ ପ୍ରତିବନ୍ଧକର ବୈଧତାକୁ ବଜାୟ ରଖୁଥିବା ଏହି ନ୍ୟାୟାଳୟଙ୍କ ରାୟ ସତ୍ତ୍ୱେ, ସେମାନଙ୍କୁ ମେଧା ତାଲିକାରେ ସେମାନଙ୍କ ପଦାଙ୍କ ଆଧାରରେ ଉପଯୁକ୍ତ ଆବଣ୍ଟନ ଏବଂ ନିଯୁକ୍ତି ପ୍ରଦାନ କରାଯାଇପାରିବ, ଯେହେତୁ ଉତ୍ତରଦାତାମାନେ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ମୁଖ୍ୟ ନ୍ୟାୟପୀଠଙ୍କ **20.8.1990** ର ରାୟରେ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ପ୍ରଶ୍ନ କିମ୍ବା ଆପତ୍ତି କରିନାହାଁନ୍ତି ।

**(ii)** କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ଏହାର ରାୟରେ ଦେଇଥିବା ଅଣ-ଆପତ୍ତିକର ନିର୍ଦ୍ଦେଶାବଳୀ ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା **7.12.90** ର ଆଦେଶରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ କୌଣସି ସର୍ତ୍ତ ଦ୍ୱାରା ନିୟନ୍ତ୍ରିତ ନୁହେଁ, ଅର୍ଥାତ୍ ଉକ୍ତ ନିର୍ଦ୍ଦେଶାବଳୀଗୁଡ଼ିକ ମାମଲାର ଫଳାଫଳ ଅଧୀନରେ ନଥିଲା ଏବଂ ତେଣୁ ସେହି ନିର୍ଦ୍ଦେଶାବଳୀ କେବଳ ସେହି ପ୍ରାର୍ଥୀମାନଙ୍କ ପାଇଁ ସୀମିତ ରହିବ ଯେଉଁମାନେ ପ୍ରଶାସନିକ ସେବା ପରୀକ୍ଷା, **1990** ରେ ହାଜର ହୋଇଥିଲେ ଏବଂ ତା' ପରେ ଆଉ ଆଗକୁ ନୁହେଁ । ପ୍ରଶାସନିକ ସେବା ପରୀକ୍ଷା, **1990** ର ସେହି ସଫଳ ପ୍ରାର୍ଥୀମାନଙ୍କ ବରିଷ୍ଠତା ସେମାନେ ଯେଉଁ ସେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ତାହା ଉପରେ ନିର୍ଭର କରିବ । ବାଦ୍ ପଡ଼ିଥିବା ପ୍ରାର୍ଥୀମାନଙ୍କ ବରିଷ୍ଠତା ବଜାୟ ରଖାଯିବ ଯଦି ସେମାନେ ପୂର୍ବବର୍ତ୍ତୀ ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ଅନୁଯାୟୀ ସେମାନଙ୍କୁ ଆବଣ୍ଟିତ ସେବାରେ ଯୋଗ ଦେଇଛନ୍ତି ଏବଂ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ଏହାର ରାୟରେ ପ୍ରଦାନ କରିଥିବା ରାୟ ଅନୁଯାୟୀ ଏଭଳି ପ୍ରାର୍ଥୀମାନେ ବରିଷ୍ଠତା ହରାଇବା ଭଳି କ୍ଷତି ସହିବେ ନାହିଁ । **[pp 114 H, 115A-D]**

*** ମୋହନ କୁମାର ସିଂହାନିଆ ଏବଂ ଅନ୍ୟମାନେ ବନାମ ଭାରତ ସଂଘ,* **[1991] Supp. 1 SCR 46** ।

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ସ୍ଥାନାନ୍ତରିତ ମାମଲା ସଂଖ୍ୟା 2/1991 ।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 139-A (1) ଅନୁଯାୟୀ)

ଅପିଲକାରୀଙ୍କ ପକ୍ଷରୁ ସଲମାନ୍ ଖୁର୍ସିଦ୍, ମଦନ ପାନିକ୍କର୍, ଶ୍ରୀମତୀ ବିମଳା ସିହ୍ନା ଏବଂ ଗୋପାଳ ସିଂହ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା କପିଲ ସିବଲ ଏବଂ ଅରୁଣ ଜେଟଲୀ, ସୁଶ୍ରୀ କାମିନୀ ଜୈସୱାଲ୍ ଏବଂ ସି.ଭି.ଏସ୍. ରାଓ ।

ନ୍ୟାୟାଳୟଙ୍କ ଏହି ରାୟ **ନ୍ୟାୟମୂର୍ତ୍ତି ଏସ୍. ରତ୍ନାଭେଲ୍ ପାଣ୍ଡିଆନଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ପାଟନା ନ୍ୟାୟପୀଠରୁ ମୂଳ ଆବେଦନ ସଂଖ୍ୟା 191/1990 କୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 139 (A) ଅଧୀନରେ ସ୍ଥାନାନ୍ତର କରିବା ପାଇଁ ସ୍ଥାନାନ୍ତରଣ ଆବେଦନ (ଦେୱାନୀ) ସଂଖ୍ୟା 546/90 ରେ ଆମର 23.11.90 ର ଆଦେଶ ଅନୁଯାୟୀ ଉପରୋକ୍ତ ମାମଲାଟି ପଞ୍ଜିକୃତ ହୋଇଛି । ଅପିଲକାରୀଙ୍କ ପ୍ରାର୍ଥନା ହେଉଛି ଦେୱାନୀ ଅପିଲ ସଂଖ୍ୟା 5439-52/90 (ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 13525-38/1990 ରୁ ଉଦ୍ଭୁତ) ସହିତ ଉପରୋକ୍ତ ମାମଲାର ଫଏସଲା କରାଯାଉ । କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ପାଟନା ନ୍ୟାୟପୀଠଙ୍କ ନିକଟରେ ଅପିଲକାରୀଙ୍କ ଦ୍ୱାରା ପ୍ରାର୍ଥନା କରାଯାଇଥିବା ପ୍ରତିକାର ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ମୁଖ୍ୟ ନ୍ୟାୟପୀଠଙ୍କ ନିକଟରେ କରାଯାଇଥିବା ପ୍ରାର୍ଥନା ସହ ସମାନ ଥିଲା, ଯାହାକି ପ୍ରଶାସନିକ ସେବା ପରୀକ୍ଷା ନିୟମାବଳୀର ନିୟମ 4 ର ଦ୍ୱିତୀୟ ପ୍ରାବଧାନକୁ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 16 ର ପରିପନ୍ଥୀ ବୋଲି ଘୋଷଣା କରିବା । 29.8.90 ରେ ପାଟନା ନ୍ୟାୟପୀଠ ଏମ୍. ପି. ସଂଖ୍ୟା 36/90 ରେ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ମଞ୍ଜୁର କରିଥିଲେ ଯାହା ନିମ୍ନଲିଖିତ ଅଟେ:

> "ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ । ମୂଳ ଆବେଦନର ଚୂଡ଼ାନ୍ତ ଆଦେଶର ଫଳାଫଳ ଅଧୀନରେ, ଆବେଦନକାରୀଙ୍କୁ ପ୍ରଶାସନିକ ସେବା ମୁଖ୍ୟ ପରୀକ୍ଷା, 1990 ରେ ହାଜର ହେବା ପାଇଁ ଅନୁମତି ଦିଆଯାଇପାରେ । ଉତ୍ତରଦାତାମାନଙ୍କୁ ସେହି ଅନୁଯାୟୀ ନିର୍ଦ୍ଦେଶ ଦିଆଯାଇଛି । ଆଜି ପକ୍ଷମାନଙ୍କୁ ନକଲ ପ୍ରଦାନ କରାଯାଉ" ।

ଅପିଲକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀ ସଲମାନ୍ ଖୁର୍ସିଦ୍ ଦର୍ଶାଇଥିଲେ ଯେ, ଯଦି ପାଟନା ନ୍ୟାୟପୀଠଙ୍କ ଦ୍ୱାରା ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଆଦେଶର ଅନୁଚ୍ଛେଦ 5 (ii) ଏବଂ 6 ର ନିର୍ଦ୍ଦେଶାବଳୀ ଅନ୍ତର୍ଭୁକ୍ତ ହୁଏ, ତେବେ ତାଙ୍କର ଆଉ କିଛି କହିବାର ନାହିଁ ଏବଂ ସେହି ନିର୍ଦ୍ଦେଶାବଳୀର କାର୍ଯ୍ୟାନ୍ୱୟନ ତାଙ୍କୁ ସନ୍ତୋଷଜନକ ପ୍ରତିକାର ପ୍ରଦାନ କରିବ ।

ଆମେ ଆମର 7.12.1990 ତାରିଖର ଆଦେଶରେ, ଅନେକ ମୂଳ ଆବେଦନରେ ଦିଲ୍ଲୀ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଅନ୍ତରୀଣ ଆଦେଶ ସନ୍ଦର୍ଭରେ କେତେକ ନିର୍ଦ୍ଦେଶାବଳୀକୁ ସ୍ପଷ୍ଟ କରିଥିଲୁ ଏବଂ ପରିଶେଷରେ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଥିଲୁ:

> "ତେଣୁ ଆମେ ଅନୁଚ୍ଛେଦ ସଂଖ୍ୟା 5 (ii), 6 ଏବଂ 7 ଅଧୀନରେ ଆସୁଥିବା ସମସ୍ତ ପ୍ରାର୍ଥୀଙ୍କୁ ମୁଖ୍ୟ ପରୀକ୍ଷାରେ ବସିବା ପାଇଁ ଅନୁମତି ଦେଉଛୁ, ଏହି ସର୍ତ୍ତରେ ଯେ ପ୍ରତ୍ୟେକ ପ୍ରାର୍ଥୀ ସଂଘ ଲୋକ ସେବା ଆୟୋଗର ସଚିବଙ୍କୁ ସନ୍ତୁଷ୍ଟ କରିବେ ଯେ ସେ ଏହି ଶ୍ରେଣୀଭୁକ୍ତ ଏବଂ ସମ୍ପୃକ୍ତ ପ୍ରାର୍ଥୀମାନେ 1990 ର ପ୍ରାରମ୍ଭିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ମୁଖ୍ୟ ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ଏହି ଅନୁମତି କେବଳ ଆଗାମୀ ପରୀକ୍ଷା ପାଇଁ ।ଯେହେତୁ ଆମେ ବର୍ତ୍ତମାନ ନୂଆଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ରାୟର ଅନୁଚ୍ଛେଦ 5 (ii), 6 ଏବଂ 7 ଅଧୀନରେ ଦିଆଯାଇଥିବା ଅପ୍ରଶ୍ନିତ ଏବଂ ଅଣ-ଆପତ୍ତିକର ନିର୍ଦ୍ଦେଶାବଳୀ ଆଧାରରେ ସେହି ପ୍ରାର୍ଥୀମାନଙ୍କୁ ଅନୁମତି ଦେଉଛୁ ଯେଉଁମାନେ 1990 ର ପ୍ରାରମ୍ଭିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ମୁଖ୍ୟ ପରୀକ୍ଷା ପାଇଁ ଆବେଦନ କରିଛନ୍ତି, ସେହି ସମାନ ସୁବିଧା ଅନ୍ୟ ଅପିଲକାରୀମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଛି ଯେଉଁମାନେ ଅନୁଚ୍ଛେଦ 5 (ii), 6 ଏବଂ7 ଅଧୀନରେ ଥିବା ସର୍ତ୍ତାବଳୀ ପୂରଣ କରୁଛନ୍ତି" ।

ଉପରୋକ୍ତ ନିର୍ଦ୍ଦେଶାବଳୀ ବାସ୍ତବରେ ପାଟନା ନ୍ୟାୟପୀଠଙ୍କ ଦ୍ୱାରା ଏମ୍.ପି. ସଂଖ୍ୟା 36 /90 ରେ ଦିଆଯାଇଥିବା ନିର୍ଦ୍ଦେଶକୁ ସମର୍ଥନ କରେ ଯାହା ଅପିଲକାରୀଙ୍କୁ ପ୍ରଶାସନିକ ସେବା (ମୁଖ୍ୟ) ପରୀକ୍ଷା, 1990 ରେ ବସିବା ପାଇଁ ଅନୁମତି ଦେଇଥିଲା । ତେବେ, ଆମେ ଆମର ନିର୍ଦ୍ଦେଶାବଳୀରେ କୌଣସି ସର୍ତ୍ତ ଯୋଡ଼ି ନାହୁଁ ଯେ ଏହି ନିର୍ଦ୍ଦେଶାବଳୀ ଅପିଲଗୁଡ଼ିକର ଫଳାଫଳ ଅଧୀନରେ ରହିବ । ପ୍ରକୃତରେ, ଆମେ ଦେୱାନୀ ଅପିଲ ସଂଖ୍ୟା 5439-52/90 ଏବଂ ଅନ୍ୟାନ୍ୟ

ମାମଲାରେ ଆଜି ପ୍ରଦାନ କରିଥିବା ରାୟରେ ସଂଘ ଲୋକ ସେବା ଆୟୋଗଙ୍କ ସମେତ ଉତ୍ତରଦାତାମାନଙ୍କୁ ଏକ ନିର୍ଦ୍ଦେଶ ଦେଇଛୁ ଯେ "ସେହି ସମସ୍ତ ପ୍ରାର୍ଥୀ ଯେଉଁମାନେ ଆମର 07.12.90 ର ଆଦେଶରେ ପ୍ରଦତ୍ତ ଅନୁମତି ଅନୁଯାୟୀ ପ୍ରଶାସନିକ ସେବା (ମୁଖ୍ୟ) ପରୀକ୍ଷା, 1990 ରେ ହାଜର ହୋଇଛନ୍ତି ଏବଂ ଉକ୍ତ ପରୀକ୍ଷାରେ ସଫଳ ହୋଇ ସାକ୍ଷାତକାର ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି, ସେମାନଙ୍କୁ ସାକ୍ଷାତକାର ପରୀକ୍ଷାରେ ହାଜର ହେବା ପାଇଁ ଅନୁମତି ଦିଆଯିବ ଏବଂ ଯଦି ସେହି ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ତଥା ସାକ୍ଷାତକାରରେ ସମ୍ପୂର୍ଣ୍ଣ ଓ ସନ୍ତୋଷଜନକ ଭାବେ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ଦ୍ୱିତୀୟ ପ୍ରାବଧାନ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଏବଂ ଉକ୍ତ ପ୍ରତିବନ୍ଧକର ବୈଧତାକୁ ବଜାୟ ରଖୁଥିବା ଆମର ବର୍ତ୍ତମାନର ରାୟ ସତ୍ତ୍ୱେ, ସେମାନଙ୍କୁ ମେଧା ତାଲିକାରେ ସେମାନଙ୍କ ପଦାଙ୍କ ଆଧାରରେ ଉପଯୁକ୍ତ ଆବଣ୍ଟନ ଏବଂ ନିଯୁକ୍ତି ପ୍ରଦାନ କରାଯିବ, ଯେହେତୁ ଉତ୍ତରଦାତାମାନେ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ମୁଖ୍ୟ ନ୍ୟାୟପୀଠଙ୍କ ଦ୍ୱାରା 20.08.1990 ର ରାୟର ଅନୁଚ୍ଛେଦ 5 (ii), 6 ଏବଂ 7 ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ ପ୍ରଶ୍ନ କିମ୍ବା ଆପତ୍ତି କରିନାହାଁନ୍ତି । ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଏହାର ରାୟରେ ଦିଆଯାଇଥିବା ଅଣ-ଆପତ୍ତିକର ନିର୍ଦ୍ଦେଶାବଳୀ ଏବଂ ଆମ ଦ୍ୱାରା ଆମର 07.12.90 ର ଆଦେଶରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ କୌଣସି ସର୍ତ୍ତ ଦ୍ୱାରା ନିୟନ୍ତ୍ରିତ ନୁହେଁ, ଅର୍ଥାତ୍ ଉକ୍ତ ନିର୍ଦ୍ଦେଶାବଳୀଗୁଡ଼ିକ ମାମଲାର ଫଳାଫଳ ଅଧୀନରେ ନଥିଲା ଏବଂ ତେଣୁ ସେହି ନିର୍ଦ୍ଦେଶାବଳୀ କେବଳ ସେହି ପ୍ରାର୍ଥୀମାନଙ୍କ ପାଇଁ ସୀମିତ ରହିବ ଯେଉଁମାନେ ପ୍ରଶାସନିକ ସେବା ପରୀକ୍ଷା, 1990 ରେ ହାଜର ହୋଇଥିଲେ ଏବଂ ତା' ପରେ ଆଉ ନୁହେଁ । ପ୍ରଶାସନିକ ସେବା ପରୀକ୍ଷା, 1990 ର ସେହି ସଫଳ ପ୍ରାର୍ଥୀମାନଙ୍କ ବରିଷ୍ଠତା ସେମାନେ ଯେଉଁ ସେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ତାହା ଉପରେ ନିର୍ଭର କରିବ । ବାଦ୍ ପଡ଼ିଥିବା ପ୍ରାର୍ଥୀମାନଙ୍କ ବରିଷ୍ଠତା ବଜାୟ ରଖାଯିବ ଯଦି ସେମାନେ ପୂର୍ବବର୍ତ୍ତୀ ପ୍ରଶାସନିକ ସେବା ପରୀକ୍ଷା, 1990 ର ଫଳାଫଳ ଅନୁଯାୟୀ ସେମାନଙ୍କୁ ଆବଣ୍ଟିତ ସେବାରେ ଯୋଗ ଦେଇଛନ୍ତି ଏବଂ ଦିଲ୍ଲୀର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଏହାର ରାୟରେ ଦର୍ଶାଇଥିବା ନିଷ୍ପତ୍ତି ଅନୁଯାୟୀ ଏଭଳି ପ୍ରାର୍ଥୀମାନେ ବରିଷ୍ଠତା ହରାଇବା ଭଳି କ୍ଷତି ସହିବେ ନାହିଁ" ।

ତେଣୁ, ଆମେ ଏହା ନିର୍ଣ୍ଣୟ କରୁଛୁ ଯେ ଏହି ଅପିଲକାରୀ ମଧ୍ୟ ଉପରୋକ୍ତ ସମାନ ସୁବିଧା ପାଇବାକୁ ହକଦାର । ଅନ୍ୟାନ୍ୟ କ୍ଷେତ୍ରରେ, ଦେୱାନୀ ଅପିଲ ସଂଖ୍ୟା 5439-52/90 ମାମଲାର ମୁଖ୍ୟ ରାୟରେ ଏବଂ ଅନ୍ୟାନ୍ୟ ମାମଲାରେ ଉଲ୍ଲେଖ କରାଯାଇଥିବା କାରଣରୁ ଏହି ସ୍ଥାନାନ୍ତରିତ ମାମଲାଟିକୁ ଖାରଜ କରାଯାଉଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**